# ତଦନ୍ତ ପରିବର୍ତ୍ତେ ଉଦ୍‌ଘାଟନ ପାଇଁ ତତ୍ପର

**ବ୍ୟାସ ସରୋବର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ**

■ ଜଙ୍ଗଲ ସୃଷ୍ଟିରେ ଖର୍ଚ୍ଚ ହୋଇଛି ୧୦ କୋଟି ଟଙ୍କା

ଯାଜପୁର,୨୯।୧(ହର୍ଷବର୍ଦ୍ଧନ ବେହେରା):

ଯାଜପୁର ଜିଲାର କୁସୁମା ପୋଖରୀ ପରିସରରେ ୨ ମହଲା ବିଶିଷ୍ଟ ୯ କଟେଜ ନିର୍ମାଣ ହେଉ କିମ୍ବା ବ୍ୟାସ ସରୋବରରେ ୬୯ କୋଟି ଟଙ୍କାର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ସବୁଥିରେ ଦୁର୍ନୀତି ଭରି ରହିଛି। ଜିଲାରେ ଯେତେ ଦୁର୍ନୀତି ଓ ହରିଲୁଟ ହୋଇଥିଲେ ବି ଏବେ ତଦନ୍ତ କରିବାକୁ କାହାରି ସାହସ ନଥିବା ଭଳି ମନେ ହେଉଛି। ଓଲଟା ଅଧାପନ୍ତରିଆ ଏବଂ ଏଷ୍ଟିମେଟ, ଚୁକ୍ତି ଓ ଯୋଜନାର ବହୁଦୂରରେ ନିର୍ମାଣ ହୋଇଥିବା ବ୍ୟାସସରୋବର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଆସନ୍ତା ୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ହାତରେ ଉଦ୍‌ଘାଟନ ହେବାକୁ ଯାଉଛି। ଏହି ପ୍ରକଳ୍ପରେ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ଜଙ୍ଗଲ ସୃଷ୍ଟି ପାଇଁ ଚାରାରୋପଣ ଏବଂ ପ୍ରାୟ ୭ କୋଟି ଟଙ୍କା ବ୍ୟୟରେ ବିଦ୍ୟୁତକରଣ କାର୍ଯ୍ୟ ହୋଇଥିବା ସୂଚନା ମିଳିଛି। ହେଲେ ଜଙ୍ଗଲ ସୃଷ୍ଟି କାର୍ଯ୍ୟକୁ ଦେଖିଲେ ୨ କୋଟି ଟଙ୍କା ବି ଖର୍ଚ୍ଚ ହୋଇଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ସେହିପରି ବିଦ୍ୟୁତ୍‌କରଣ କାର୍ଯ୍ୟରେ ମଧ୍ୟ ବ୍ୟାପକ ହରିଲୁଟ କରାଯାଇଥିବା ଅଭିଯୋଗ ହେଉଛି। ତେଣୁ ଏହି ପ୍ରକଳ୍ପରେ ହୋଇଥିବା ଅନିୟମିତତାର ତଦନ୍ତ କରିବା ପରିବର୍ତ୍ତେ ସଂପୃକ୍ତ ଠିକାଦାରଙ୍କୁ ସୁରକ୍ଷା ଦେବା ସହ ଜିଲା ପ୍ରଶାସନ ଉଦ୍‌ଘାଟନ ପାଇଁ ତତ୍ପର ବୋଲି ସବୁଠି ଚର୍ଚ୍ଚା ହେଉଛି।

ଜିଲାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ବ୍ୟାସସରୋବରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ଏନ୍‌ବିସିସି(ନ୍ୟାଶନାଲ ବିଲ୍ଡିଂ କନଷ୍ଟ୍ରକ୍ସନ କାର୍ପୋରେଶନ) ଇଣ୍ଡିଆ ଲିମିଟେଡର ଡିଜାଇନ ଚିତ୍ର ଅନୁସାରେ ନିୟୋଜିତ ଠିକାସଂସ୍ଥା କ୍ରିଷ୍ଣା ବିଲ୍‌ଡର ପ୍ରାୟ ୫୦ ପ୍ରତିଶତ କାର୍ଯ୍ୟ କରିନାହିଁ। ଏନ୍‌ଜିଟି ମାମଲା ସଂଖ୍ୟା ୧୦୩/୨୦୨୨/ଇଜେଡର ଆଳ କରି ବ୍ୟାସସରୋବର ଛକଠାରୁ ଚାରି ଥାକିଆ ରାସ୍ତା, ପାଥୱେ, ସମ୍ବଳ କେନ୍ଦ୍ର ପଟକୁ ପାଚେରି ଓ ଅନ୍ୟାନ୍ୟ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହୋଇ ପାରିନାହିଁ। ଏହା ବଦଳରେ ପୋଖରୀ ଉପରେ ଏକ କଂକ୍ରିଟ ଓଭର ବ୍ରିଜ କାର୍ଯ୍ୟ କରାଯାଇଛି। ଏହି ଓଭରବ୍ରିଜ ଉପରେ କୌଣସି ଟାଇଲ ବିଛା ଯାଇନାହିଁ। ଷ୍ଟେନଲେସ ପରିବର୍ତ୍ତେ ନିମ୍ନମାନର ଲୁହା ପାଇପ ଲଗାଯାଇଛି। ଫଳରେ ସ୍ଥାନେସ୍ଥାନେ କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି। ପୂର୍ବରୁ ହୋଇଥିବା ଯୋଜନା ଅନୁସାରେ ନର୍ସରୀ, ମଞ୍ଜି ଉତ୍ପାଦନ ଅଞ୍ଚଳ, ଫଳ ବଗିଚା, ବହୁମୁଖୀ ଗାର୍ଡେନ, ପତ୍ର ସମୂହ ବଗିଚା, କମ୍ପୋଷ୍ଟ ଏରିଆ, ରେନ ଫରେଷ୍ଟ, ମେଡିସିନାଲ ଗାର୍ଡେନ ଇତ୍ୟାଦି କାର୍ଯ୍ୟ ଦେଖିବାକୁ ଏଯାଏ ମିଳିନାହିଁ। ମୁଖ୍ୟତଃ ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ କଳିଙ୍ଗନଗର ଉନ୍ନୟନ ପରିଷଦ(କେଏନ୍‌ଡିଏ)ରେ ସହରୀ ଜଙ୍ଗଲ ସୃଷ୍ଟି ଲକ୍ଷ୍ୟ ନେଇ ଏହି ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। କିନ୍ତୁ ଏହି ପ୍ରକଳ୍ପ ପାଇଁ ମଞ୍ଜୁର ଅର୍ଥରୁ ଅଧିକାଂଶ ଠିକାଦାର ଓ କେତେଜଣ ପ୍ରଭାବଶାଳୀ ନେତାଙ୍କ ପକେଟକୁ ପୂର୍ବରୁ ଚାଲି ଯାଇଥିବାରୁ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଅଧାପନ୍ତରିଆ ଲାଗୁଛି। ବ୍ୟାସ ସରୋବରର ମୁଖ୍ୟ ଫାଟକଠାରୁ ଗୁପ୍ତ ଗଙ୍ଗା ପର୍ଯ୍ୟନ୍ତ ପ୍ରାୟ ୧୦ ବର୍ଷର ପୁରୁଣା ଭଙ୍ଗା ଗମ୍ବୁଜଗୁଡ଼ିକର ମରାମତି ହୋଇ ପାରିନାହିଁ। ଏହାବାଦ ମହାଭାରତ ଯୁଗର ହସ୍ତିନାପୁର, କୌରବ ଓ ପାଣ୍ଡବ, ମାଛ ଆଖି, ଫୁଲ ବଗିଚା, ଭୀଷ୍ମ ଶରଶଯ୍ୟା, ବିଶ୍ୱରୂପ ଇତ୍ୟାଦି ନିର୍ମାଣର ପରିକଳ୍ପନା ଉପଯୁକ୍ତ ଭାବେ ହୋଇ ପାରିନାହିଁ। ଏ ସଂକ୍ରାନ୍ତରେ କ୍ରିଷ୍ଣା ବିଲଡର୍ ଠିକାସଂସ୍ଥାର ପରିଚାଳକ ଜୟବୀରଙ୍କୁ ପଚାରିବାରୁ ସେ କହିଛନ୍ତି, ଅଧାପନ୍ତରିଆ କାର୍ଯ୍ୟସବୁ ପୁଣି ଆରମ୍ଭ ହେବ। ଉଦ୍‌ଘାଟନ ପୂର୍ବରୁ ଏହି କାର୍ଯ୍ୟଗୁଡ଼ିକୁ ସାରିବାକୁ ନିର୍ଦ୍ଦେଶ ହୋଇଛି। ଗମ୍ବୁଜଗୁଡ଼ିକୁ ମରାମତି କରି ରଙ୍ଗ ଦିଆଯିବ। ଯୋଜନା ଅନୁସାରେ କାମ ହୋଇଛି, ଏଥିରେ କୌଣସି ଦୁର୍ନୀତି ହୋଇନାହିଁ।

ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଯାଜପୁର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ରିସିଭ କରି ନ ଥିଲେ।



ବ୍ୟାସ ସରୋବର ପ୍ରକଳ୍ପରେ ଭଙ୍ଗା ଗମ୍ବୁଜ।

## ନିପୁଣ ଭାରତ ଦକ୍ଷତା ମେଳା ଆୟୋଜିତ



ନିପୁଣ ଭାରତ ଦକ୍ଷତା ମେଳାରେ ଯୋଗଦେଇଥିବା ଅତିଥି ଓ ଶିକ୍ଷୟିତ୍ରୀ ଶିକ୍ଷକ।

ପାଣିକୋଇଲି,୨୯।୧(ବିକାଶ ମଲ୍ଲିକ):

ଯାଜପୁର ଜିଲା କୋରେଇ ଶିକ୍ଷାମଣ୍ଡଳ ଅଧୀନ ପାଣିକୋଇଲି ପ୍ରାଥମିକ ବିଦ୍ୟାଳୟରେ ନିପୁଣ ଭାରତ ଶିକ୍ଷା ସାମଗ୍ରୀ ମେଳା ଆୟୋଜିତ ହୋଇଯାଇଛି। ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପଠନ, ଲିଖନ ଓ ସଂଖ୍ୟା ଜ୍ଞାନ ଦକ୍ଷତା ବୃଦ୍ଧି ନିମନ୍ତେ ପାଣିକୋଇଲି କ୍ଲଷ୍ଟର ସିଆରସିସି କେଶବ ଚନ୍ଦ୍ର ସେଠୀଙ୍କ ଆୟୋଜନରେ ଏହା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ପାଣିକୋଇଲି ପଞ୍ଚାୟତର ସମିତିସଭ୍ୟା ସୁଜାତା ଘଡ଼ାଇ, ସମ୍ମାନିତ ଅତିଥିଭାବେ ଡୋଳିପୁରସ୍ଥିତ ଶିକ୍ଷକ ତାଲିମ କେନ୍ଦ୍ରର ପ୍ରଶିକ୍ଷିକା ନିଳିମା ସାହୁ, ମୁଖ୍ୟବକ୍ତାଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ମଲ୍ଲିକ, ଅତିଥିଭାବେ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିପିନ ଚନ୍ଦ୍ର ମିଶ୍ର, ପାଣିକୋଇଲି ହାଇସ୍କୁଲର ସହକାରୀ ଶିକ୍ଷକ ପ୍ରତାପ ଚନ୍ଦ୍ର ପହି, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷା ସାବିତ୍ରୀ ସ୍ୱାଇଁ, ଉପାଧ୍ୟକ୍ଷ ମୁସ୍ତାକ ଅଲ୍ଲି ଖାନ ଓ ସଦସ୍ୟ ମିଲି ରାୟ ପ୍ରମୁଖ ଯୋଗ ଦେଇଥିଲେ। ମେଳାରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ। ୧୧ ବିଦ୍ୟାଳୟର ଶିକ୍ଷକଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ସମସ୍ତ ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରଫୁଲ୍ଲ କୁମାର ବେହେରା, ପ୍ରଫୁଲ୍ଲ ଦାସ ଓ ତାରିଣୀ ପ୍ରସାଦ ରାୟଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମଣ୍ଡିକୁ ଗାଡ଼ି ନ ଆସିବାରୁ ଅଧିକାରୀ ଅଟକ

ଦଶରଥପୁର,୨୯।୧
(ସୁଶାନ୍ତ କୁମାର ବେହୁରିଆ):

ଦଶରଥପୁର ବ୍ଲକ୍ ପାଲଟପୁର ପାକ୍ସ ଧାନ ମଣ୍ଡିକୁ ପ୍ରଶାସନ ପ୍ରତିଶ୍ରୁତି ମୁତାବକ ଗାଡ଼ି ନିୟମିତ ନ ପଠାଇବାରୁ ବୁଧବାର ମଣ୍ଡି ପରିଦର୍ଶନରେ ଆସିଥିବା ଅଧିକାରୀଙ୍କୁ ୬ ଘଣ୍ଟା ଅଟକ ରଖିଛନ୍ତି ଚାଷୀ। ସିଏସଓ ଜିତରାୟ ଚରଣ ଟୁଡୁ, ଅତିରିକ୍ତ ସିଏସଓ ଦେବକାନ୍ତ ମହାନ୍ତି, ଅତିରିକ୍ତ ଏଆରସିଏସ ନିବେଦିତା ସାହୁ, ବ୍ଲକ ଯୋଗାଣ ଅଧିକାରୀ ତାପସ୍ୱିନୀ ରାୟ, ମିଶନ ଶକ୍ତି ବିପିସି ସୁମିତ୍ରା ବେହେରାଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ଚାଷୀମାନେ ମଧ୍ୟାହ୍ନ ୧୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅଟକ ରଖିଥିଲେ। ସନ୍ଧ୍ୟାରେ ୨ ଗାଡ଼ି ଧାନ ନେବାକୁ ଆସିବା ପରେ ଅଧିକାରୀମାନେ ମୁକୁଳିଥିଲେ।
୫ ଦିନ ଧରି ମଣ୍ଡିକୁ ଗାଡ଼ି ନ ଆସିବାରୁ ମଙ୍ଗଳବାର ଅପରାହ୍ନରେ ଚାଷୀମାନେ ମଙ୍ଗଳପୁର-ନାରୀଗାଁ ମୁଖ୍ୟ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ଖବରପାଇ ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲିକ, ବାବୁରାମ ମୁର୍ମୁ, ମଙ୍ଗଳପୁର ଆଇଆଇସି ଜଗଦୀଶ କର ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲେ। ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ମଣ୍ଡିକୁ ବୁଧବାର ୩ ଗାଡ଼ି ଆସିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ମଣ୍ଡିକୁ ଗୋଟିଏ ଗାଡ଼ି ଆସିଥିଲା, ଆଉ ଗାଡି ନ ଆସିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ ଚାଷୀମାନେ ଅଧିକାରୀଙ୍କୁ ଅଟକ ରଖିଥିଲେ।



ଅଧିକାରୀମାନଙ୍କୁ ଚାଷୀମାନେ ଅଟକ ରଖିଛନ୍ତି।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବିଷ୍ଣୁ



@ ଈଶ୍ୱର



@ ଦୁର୍ଗା



@ ପ୍ରଭାତ



@ ପ୍ରଦୀପ୍ତ



@ ଲିଲି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କୋରେଇ ବିଜେଡି ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ଘେରାଉ

**ବକେୟା ବିଲ୍ ନେଇ ତାତିଲେ ଜନପ୍ରତିନିଧି**

କୋରେଇ,୨୯।୧(ଚନ୍ଦ୍ରକାନ୍ତ ପତି):

କୋରେଇ ବିଜେଡି ପକ୍ଷରୁ ବୁଧବାର କୋରେଇ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ପଞ୍ଚାୟତସ୍ତରରେ ରାଜନୈତିକ ଉଦ୍ଦେଶ୍ୟ ରଖି ବିଜେଡି କର୍ମୀଙ୍କ ପୁରୁଣା ଉନ୍ନୟନମୂଳକ କାମର ବିଲ ନ ହେବା ଏବଂ ପୂର୍ବତନ ବିଧାୟକଙ୍କ ସମୟରେ ଦିଆଯାଇଥିବା ୱାର୍କ ଅର୍ଡରର ଲେ' ଆଉଟ ନ ଦେବା, ସମିତିସଭ୍ୟଙ୍କ ପାଣ୍ଠି କାର୍ଯ୍ୟର ଲେ' ଆଉଟ ନ ଦେବା ନେଇ ପଞ୍ଚାୟତସ୍ତରୀୟ ପ୍ରତିନିଧିମାନେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ହଟଗୋଳ କରିବା ସହିତ ଗଣଧାରଣା ଦେଇଥିଲେ। ସାଦକପୁର ସରପଞ୍ଚ ରବୀନ୍ଦ୍ର ବେହେରା ଏବଂ ସମିତିସଭ୍ୟ ମାନସ ମହାନ୍ତିଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ଦଳ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଡିଓଙ୍କ ବିରୋଧରେ ନାରାବାଜି ଦେଇଥିଲେ। ବିଡିଓ ଅବନୀକାନ୍ତ ସାହୁ ଏବଂ କୋରେଇ ଥାନା ଅଧିକାରୀ ରାକେଶ ତ୍ରିପାଠୀ ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ବୁଝାଶୁଝା କରିବା କରିଥିଲେ। ବିଡିଓ ସମସ୍ୟାର ସମାଧାନ ପାଇଁ ୧୫ ଦିନ ସମୟ ନେବା ପରେ ବିଜେଡି ନେତୃମଣ୍ଡଳ ଧାରଣାସ୍ଥଳରୁ ଉଠିଥିଲେ। ଏହି ଗଣଧାରଣାରେ ଜିଲା ଯୁବ ସଭାପତି ପ୍ରତାପ ମହାନ୍ତି, ବ୍ଲକ ସଭାପତି ଭକ୍ତବତ୍ସଳ ସ୍ୱାଇଁ, ତଳଗଡ଼ ସରପଞ୍ଚ ସନ୍ତୋଷ ସ୍ୱାଇଁ, କାବୁ ମହାନ୍ତି, ରାକେଶ ମହାନ୍ତି, ବିଜୟ ଘଡାଇ, ତାରକ ମହାନ୍ତି, ପ୍ରମୋଦ ନାୟକଙ୍କ ସହ ଅନେକ ବରିଷ୍ଠ ନେତା ଓ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।



ବ୍ଲକ୍ କାର୍ଯ୍ୟାଳୟ ଆଗରେ ବିଜେଡି କର୍ମୀମାନେ ଧାରଣା ଦେଉଛନ୍ତି।

## ହାଇୱା ଧକ୍କାରେ ବ୍ୟାଟେରି ମିସ୍ତ୍ରି ମୃତ

ରସୁଲପୁର,୨୯।୧(ରଞ୍ଜିତ ରାଉତ):

କୁଆଖିଆ ଥାନା ୧୬ ନମ୍ବର ଜାତୀୟ ରାଜପଥର ରସୁଲପୁର ବ୍ଲକ ସମ୍ମୁଖରେ ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟା୫୦ରେ ଏକ ହାଇୱା ଧକ୍କାରେ ଜଣେ ବ୍ୟାଟେରୀ ମିସ୍ତ୍ରିଙ୍କ ମୃତ୍ୟୁ ହୋଇଛି। ସେହେଲେ ଯାଜପୁର ସଦର ଥାନା ଉପର ବରୁଆଁ ଅଞ୍ଚଳର ଅଶୋକ ଚନ୍ଦ୍ର ସାହୁ(୫୨)। ଅଶୋକ ସାହାପୁରସ୍ଥିତ ହନୁମାନ ମନ୍ଦିରକୁ ଯାଇ କୁଆଖିଆ ବଜାର ଅଭିମୁଖେ ଫେରୁଥିଲେ। ଦୁର୍ଘଟଣାସ୍ଥଳରେ ଏକ ହାଇୱା ତାଙ୍କ ଲୁନାକୁ ଧକ୍କା ଦେବାରୁ ସେ ରାସ୍ତା ଉପରେ ଛିଟିକି ପଡି ଗୁରୁତର ହୋଇଥିଲେ। ଦୁର୍ଘଟଣା ଘଟାଇଥିବା ହାଇୱା ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଲୁନା ଚାଳକ ଟ୍ରକ ସହ ପ୍ରାୟଃ ୨୦ଫୁଟ୍ ପର୍ଯ୍ୟନ୍ତ ଘୋଷାଡି ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ଅଶୋକଙ୍କୁ ମୃତ ଘୋଷଣା କରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଉକ୍ତ ଘଟଣାକୁ ନେଇ କୁଆଖିଆ ଥାନାରେ ଅଭିଯୋଗ ହୋଇନାହିଁ। ପୋଲିସ ଦୁର୍ଘଟଣା ଘଟାଇଥିବା ହାଇୱା ଓ ଲୁନାକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ତେନ୍ତୁଳିଖୁଣ୍ଟାରେ ଏସ୍‌ଟିପିଆଇ କେନ୍ଦ୍ର ଉଦ୍‌ଘାଟିତ

ଯାଜପୁର ଟାଉନ,୨୯।୧
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲାର ତେନ୍ତୁଳିଖୁଣ୍ଟାଠାରେ ସଫ୍ଟୱେୟାର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ(ଏସ୍‌ଟିପିଆଇ) କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ରେଳବାଇ, ସୂଚନା ଓ ପ୍ରସାରଣ, ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉଦ୍‌ଘାଟନ କରିଛନ୍ତି। 'ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫'ଜନତା ମଇଦାନ ଭୁବନେଶ୍ୱରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀ ଉପସ୍ଥିତ ରହି ଅଭାଷୀ ମାଧ୍ୟମରେ ଏହି କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି। ମଞ୍ଚରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଓଡ଼ିଶା ସରକାରଙ୍କ ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉପସ୍ଥିତି ଥିଲେ। ତେନ୍ତୁଳିଖୁଣ୍ଟାଠାରେ ଆୟୋଜିତ ଉଦ୍‌ଘାଟନ ସମାବେଶରେ କୋରେଇ ବିଧାୟକ ଆକାଶ ଦାସନାୟକ, ଯାଜପୁର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଓ ଏସଟିପିଆଇର ନିର୍ଦ୍ଦେଶକ ସୂର୍ଯ୍ୟ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଏସଟିପିଆଇ ପକ୍ଷରୁ ପ୍ରାୟ ୨୦,୦୦୦ ବର୍ଗଫୁଟର ଅତ୍ୟାଧୁନିକ ଇନ୍ କ୍ୟୁବେସନ୍ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ଏହାବ୍ୟତୀତ ଏସ୍‌ଟିପିପିଆଇ ଯାଜପୁରରେ ପ୍ଲଗ ଆଣ୍ଡ ପ୍ଲେ ଇନକ୍ୟୁବେସନ୍, ସମ୍ମିଳନୀ କକ୍ଷ, ମିଟିଂ ରୁମ, ନେଟୱାର୍କ ଅପରେସନ୍ ସେଣ୍ଟର ଓ କ୍ୟାଫେଟେରିଆ ଆଦି ସୁବିଧା ରହିଛି। ଏସଟିପିଆଇ ଭବନ ନିର୍ମାଣ ପାଇଁ ଓଡ଼ିଶା ସରକାର ୩ ଏକର ଜମି ଆବଣ୍ଟନ କରିବା ସହ ସରକାରୀ ଅନୁଦାନ ପ୍ରଦାନ କରିଛନ୍ତି। ଡିଜିଟାଲ ଇଣ୍ଡିଆର ପରିକଳ୍ପନାକୁ ଆଗକୁ ବଢ଼ାଇବା ଏବଂ ବିକଶିତ ଭାରତ ସାକାର ଦିଗରେ ଏସଟିପିଆଇର ଯୋଗଦାନ ରହିବ। ଭାରତ ସରକାରଙ୍କ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ପ୍ରମୁଖ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସଂସ୍ଥା ଯାଜପୁରରେ ଆଇଟି ଶିଳ୍ପର ଆବଶ୍ୟକତା ପୂରଣ କରିବା ଏବଂ ଓଡ଼ିଶାରୁ ଉଦ୍ଭାବନ ଭିତ୍ତିକ ଉଦ୍ୟୋଗ ଓ ଆଇଟି ଉତ୍ପାଟିକୁ ପ୍ରୋତ୍ସାହିତ କରିବା ପାଇଁ ଏହି ନୂତନ ଏସଟିପିଆଇ କେନ୍ଦ୍ର ସ୍ଥାପନ କରିଛି। ଓଡ଼ିଶାର ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର ଓ ବାଲେଶ୍ୱର ସମେତ ଏସଟିପିଆଇ ସମଗ୍ର ଦେଶରେ ୬୫ କେନ୍ଦ୍ରକୁ ବୃଦ୍ଧି ପାଇଛି। ଏସ୍‌ଟିପିଆଇ ସ୍ଥାପନର ମୁଖ୍ୟ ଉଦ୍ଦେଶ୍ୟ ଏହି ଅଞ୍ଚଳର ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଓ ଏହି ଅଞ୍ଚଳରୁ ଆଇଟି ସଫ୍ଟୱେୟାର ଏବଂ ସେବାର ରପ୍ତାନିକୁ ପ୍ରୋତ୍ସାହିତ କରିବା ବୋଲି କୋରେଇ ବିଧାୟକ କହିଛନ୍ତି। ଉଦ୍ଭାବନକୁ ପ୍ରୋତ୍ସାହିତ କରିବା, ଆଇପିଆର ସୃଷ୍ଟି ଏବଂ ଉତ୍ପାଦ ବିକାଶ ଓ ଯୁବ ଟେକ୍ନୋ-ଉଦ୍ୟୋଗୀ ଏବଂ ଷ୍ଟାର୍ଟ-ଅପ୍‌ମାନଙ୍କ ମଧ୍ୟରେ ଏକ ଏକ ଜୀବନ୍ତ ଇକୋସିଷ୍ଟମ ପ୍ରଦାନ ପାଇଁ ଏସ୍‌ଟିପିଆଇ ସହଯୋଗ କରିବ ବୋଲି ଜିଲାପାଳ ରେଡ୍ଡୀ କହିଛନ୍ତି।





ସଫ୍ଟୱେୟ୍‌ର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ, ବିଧାୟକ ଓ ଅନ୍ୟମାନେ।

**ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଶିକ୍ଷଣ ଶିବିର**

ରାଜନଗର, (ଭାସ୍କର ରାଉତରାୟ): ରାଜନଗର ବ୍ଲକ୍ ସମ୍ମିଳନୀ କକ୍ଷରେ ଜାତୀୟ ପଞ୍ଚାୟତ ପୁରସ୍କାର ଓ ପଞ୍ଚାୟତ ବିକାଶ ସଂକ୍ରାନ୍ତ ବାର୍ଷିକ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଡିଓ ଶୋଭନ ଶ୍ରୀତମ ପଣ୍ଡା ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକ ଭାବେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ରଶ୍ମିରଞ୍ଜନ ମହାନ୍ତି, ଅନନ୍ତ କର ପ୍ରମୁଖ ଯୋଗଦେଇ ସୁନ୍ଦର ପରିବେଶ ସୁସ୍ଥ ପଞ୍ଚାୟତ ଗଠନ ଦିଗରେ ସରପଞ୍ଚମାନଙ୍କ ମୌଳିକ କର୍ତ୍ତବ୍ୟ ଓ ଦାୟିତ୍ୱ ଉପରେ ସୂଚନା ପ୍ରଦାନ କରିଥିଲେ। ଶିବିରକୁ ବ୍ଲକ୍ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଧର୍ମେନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଲକ୍ଷପତି ଦିଦି ଚୟନରେ ଚଞ୍ଚକତା ଅଭିଯୋଗ

ଆଳି, ୨୯।୧ (ବନମାଳୀ ସେନାପତି)

ଆଳି ବ୍ଲକ କେତୁଆପାଳ ପଞ୍ଚାୟତରେ ଲକ୍ଷପତି ଦିଦି ଚୟନ ପ୍ରକ୍ରିୟାରେ ଚଞ୍ଚକତା ହୋଇଥିବା ଅଭିଯୋଗ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି)ର ମହିଳା ବୁଧବାର ଆଣିଛନ୍ତି। ପଞ୍ଚାୟତର କେତୁଆପାଳ, ହିଞ୍ଜଳ, ପାନପେଣ୍ଠ ଗ୍ରାମର ମହିଳା ସଦସ୍ୟମାନେ ଆଣିଥିବା ଅଭିଯୋଗ ଅନୁଯାୟୀ, କେତୁଆପାଳ ପଞ୍ଚାୟତରେ ୪୬ଟି ଏସ୍‌ଏଚଜି ରହିଛି। ଏହି ଏସ୍‌ଏଚଜିରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଛନ୍ତି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ମହିଳାମାନଙ୍କୁ ସ୍ୱାବଲମ୍ବି କରିବା ଦିଗରେ ସହଯୋଗର ହାତ ବଢ଼ାଇ କେନ୍ଦ୍ର ସରକାର ଲକ୍ଷପତି ଦିଦି ନାମକ ଯୋଜନା ଘୋଷଣା କରିଥିଲେ। କିନ୍ତୁ କେତୁଆପାଳ ପଞ୍ଚାୟତରେ ଏହି ଲକ୍ଷପତି ଦିଦି ଚୟନ ପ୍ରକ୍ରିୟାରେ ଚଞ୍ଚକତା ହୋଇଛି। ଏମ୍‌ବିକେ ଓ ସିଆର୍‌ପି ଏହି


ଏକତ୍ରିତ ହୋଇ ନିଯୁକ୍ତିକୁ ବିରୋଧ କରୁଥିବା ଏସ୍‌ଏଚଜି ମହିଳାମାନେ।

ଯୋଜନାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ସମସ୍ତ ଗୋଷ୍ଠୀ ସଦସ୍ୟମାନଙ୍କ ନିକଟରୁ ଆଧାର କାର୍ଡ ସହ ଜରୁରୀ କାଗଜ ପତ୍ର ନେଇଥିଲେ। ସେମାନଙ୍କୁ ବୈଠକକୁ ଡକାଯିବ ତା' ପରେ ଲକ୍ଷପତି ଦିଦି ଚୟନ କରାଯିବ। ମାତ୍ର ମହାସଂଘ ଅଧୀନରେ ଥିବା ଏମ୍‌ବିକେ ଓ ସିଆର୍‌ପିମାନେ କୌଣସି ବୈଠକ ନ କରି ନିଜ ନିଜ ବ୍ୟକ୍ତିଗତ ସମ୍ପର୍କ ଥିବା ମହିଳାମାନଙ୍କୁ ଏହି ଯୋଜନାରେ ସାମିଲ କରିଥିବା ସେମାନେ ଜାଣିବାକୁ ପାଇଛନ୍ତି। ଏପରିକି ଗୋଟିଏ ପରିବାରର ୪ରୁ୫ ଜଣଙ୍କୁ ମଧ୍ୟ ଲକ୍ଷପତି ଦିଦି ଭାବେ ଚୟନ କରାଯାଇଛି। ତେଣୁ ପ୍ରକାଶ ପାଇଥିବା ତାଲିକାକୁ ବଦଳାଇ

**କେତୁଆପାଳ ପଞ୍ଚାୟତ**

**■ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଚେତାବନୀ**

ପୁନର୍ବାର ସମସ୍ତ ଗୋଷ୍ଠୀର ମହିଳାଙ୍କୁ ନେଇ ଏକ ବୈଠକ କରି ଲକ୍ଷପତି ଦିଦି ଚୟନ କରନ୍ତୁ। ନଚେତ ସେମାନେ କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ନିମନ୍ତେ ପୂର୍ବତନ ସରପଞ୍ଚ ରଶ୍ମିତା ଜେନା, ହିଞ୍ଜଳର ନୀଳଚକ୍ର ଏସ୍‌ଏଚଜିର ଅହଲ୍ୟା ମଲିକ, ଓସ୍ମିତା ମଲିକ, ଚମ୍ପା ସେଠୀ, ପ୍ରଣତି ମଲିକ, ମା' ବିମଳା ଏସ୍‌ଏଚଜିର ନନ୍ଦିନୀ ମଲିକ, ସରଜିନୀ ମଲିକ, ଜେମା ମଲିକ, ରିତା ମଲିକଙ୍କ ସମେତ ଅନ୍ୟ ଗୋଷ୍ଠୀର ଶତାଧିକ ମହିଳା ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ସେମିରେ ନୃସିଂହ ନାଥ କ୍ଲବ ଭାମଣ୍ଡା

ରାଜକନିକା, ୨୯।୧ (ରବୀନ୍ଦ୍ର କୁମାର ଦାସ)

**ଭାମଣ୍ଡା କପ୍ କ୍ରିକେଟ**

ରାଜକନିକା ବ୍ଲକ ଭାମଣ୍ଡା ନୃସିଂହ ନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ମୁକେଶ ପଟ୍ଟନାୟକଙ୍କ ପ୍ରାୟୋଜିତରେ ଚାଲିଥିବା ଜିଲାସ୍ତରୀୟ ଭାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ କ୍ୱାର୍ଟର ଫାଇନାଲ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଖେଳରେ ନୃସିଂହ ନାଥ କ୍ଲବ ଭାମଣ୍ଡା ଆଳି କ୍ରିକେଟ କାଉନସିଲ ଆଳିକୁ ୮୬ ରନରେ ପରାସ୍ତ କରି ୪ର୍ଥ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଭାମଣ୍ଡା ଦଳ ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୮ ଉଇକେଟ ହରାଇ ୨୧୦ ରନ କରିଥିଲା। ଆଳି ଦଳ ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୨୪ରନ କରି ପରାଜୟ ବରଣ କରିଥିଲା। ଏହି ଖେଳରେ ଅତିଥି ଭାବେ ଅବସରପ୍ରାପ୍ତ ଯବାନ ଉମେଶ ଚନ୍ଦ୍ର ନାୟକ ଯୋଗଦେଇ ଆୟୋଜକ ଦଳର ୭୩ ରନ କରିବା ସହ ୨ ଉଇକେଟ ନେଇ ଥିବା ଅଙ୍କିତ ମୁଣ୍ଡାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ବିଭୂତି ଭୂଷଣ ସ୍ୱାଇଁ ଓ ନିରଞ୍ଜନ ଦାସ ଖେଳ ପରିଚାଳନା କରିଥିଲେ। ପ୍ରଜ୍ଞାଜିତ ନାୟକ, ରିତେଶ ସାମଲ, ଚିରଞ୍ଜିବି ନାୟକ, ଆଶୁତୋଷ ଶତପଥୀ, ମୁକେଶ ନାୟକ ଓ ରାହୁଲ ମହାନ୍ତି, ମନୋରଞ୍ଜନ ବିଶ୍ୱାଳ ଆଦି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଚିତ୍ରୋତ୍ପଳା ନଦୀ ବାମ ପାର୍ଶ୍ୱ ବନ୍ଧ ରାସ୍ତାର ଶିଳାନ୍ୟାସ

ମାର୍ଶାଘାଇ, ୨୯।୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ରାଘବପୁରଠାରେ ଚିତ୍ରୋତ୍ପଳା ନଦୀ ବାମ ପାର୍ଶ୍ୱ ନଦୀବନ୍ଧ ଉନ୍ନତିକରଣର ଶିଳାନ୍ୟାସ ବୁଧବାର ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକଙ୍କ ଦ୍ୱାରା ହୋଇଯାଇଛି। ୬ କୋଟି ୫୨ ଲକ୍ଷ ଟଙ୍କା ବିନିମୟରେ କୋରୁଆଠାରୁ ରାଘବପୁର ପର୍ଯ୍ୟନ୍ତ ୯ କିମି ରାସ୍ତାର ଉନ୍ନତିକରଣ ହେବ। ଓଡ଼ିଶା ନିର୍ମାଣ ନିଗମ ଏହାର ଦାୟିତ୍ୱ ନେଇଛି। ସେହିପରି ମାଣ୍ଡିଆ ଘେରି ବନ୍ଧର ସୁଦୃଢ଼ୀକରଣ ସହ ପାର୍ଶ୍ୱବର୍ତ୍ତୀ ଅବକ୍ଷୟମୁଖୀ ନଦୀ କୂଳର ସୁରକ୍ଷା ଏବଂ କଲଭର୍ଟ ନିର୍ମାଣ ସହ ଚିତ୍ରୋତ୍ପଳା ନଦୀବନ୍ଧ ବାମ ପାର୍ଶ୍ୱ ୪୧ କିମିଠାରୁ ୪୧.୩ଶହ କି.ମି. ପର୍ଯ୍ୟନ୍ତ ଅବକ୍ଷୟମୁଖୀ ନଦୀ କୂଳ ସୁରକ୍ଷାର ଶିଳାନ୍ୟାସ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମାର୍ଶାଘାଇ ବିଡିଓ ପଞ୍ଚାନନ ମଲ୍ଲିକ, ସରୋଜକାନ୍ତ ସାହୁ, ପ୍ରଶାନ୍ତ ସେଠୀ, ହିରଣ୍ୟ ମହାପାତ୍ର, ସରପଞ୍ଚ ରମେଶ ଚନ୍ଦ୍ର ଲେଙ୍କା, ଜୀବନାନନ୍ଦ ସାହୁ, ପ୍ରଦୀପ ବେହେରା, ନିଗମ ରଥ, ସୁକେଶ ଗେରୁ, ମନୋରଞ୍ଜନ ମହାପାତ୍ର, ବାରେଣୀ ଭୂୟାଁ, ସଞ୍ଜୟ ପଣ୍ଡା, ସତ୍ୟବ୍ରତ ନାୟକ, ଚିନ୍ମୟ ଗୋଛାୟତ, ରୁଦ୍ରନାରାୟଣ ମୁଦୁଲି ଉପସ୍ଥିତ ଥିଲେ।

### କଲେଜକୁ ଅଣଛାତ୍ରଙ୍କ ଅବାଧ ପ୍ରବେଶ, ଥାନାରେ ଅଭିଯୋଗ

ରାଜନଗର, ୨୯।୧ (ଭାସ୍କର ରାଉତରାୟ)

ରାଜନଗରସ୍ଥିତ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଏବେ ଅଣଛାତ୍ରଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ରଙ୍କୁ ଏହି ଅଣଛାତ୍ରମାନେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଅଣ ଛାତ୍ରମାନେ ମହାବିଦ୍ୟାଳୟର ମୁଖ୍ୟ ଫାଟକ ନିକଟରେ ଥିବା ବିଶ୍ରାମ ଗୃହରେ ମଦ୍ୟପାନ କରି ଛାତ୍ରୀଙ୍କୁ ଅଶ୍ଳୀଳ ଭାଷାରେ କମେଣ୍ଟ କରିବା ସହ ଇଙ୍ଗିତ ମଧ୍ୟ କରୁଛନ୍ତି। ଯେଉଁ ଛାତ୍ରୀଛାତ୍ରମାନେ ପ୍ରତିବାଦ କରୁଛନ୍ତି, ସେମାନଙ୍କୁ ଏହି ଅଣଛାତ୍ରମାନେ ଏସିଡ ପକାଇ ଜୀବନରୁ ମାରିଦେବାକୁ ଧମକ ଦେବା ସହ ମରଣାତ୍ମକ ଆକ୍ରମଣ ମଧ୍ୟ କରୁଛନ୍ତି। ଏ ନେଇ ଛାତ୍ରୀଛାତ୍ରମାନେ ପ୍ରଶାସନର ଦ୍ୱାରସ୍ଥ ହେଇଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀ ନିଦାବିସ୍ତୁ ସାଜିଛନ୍ତି। ଫଳରେ ଏହି ଅଣଛାତ୍ରଙ୍କ ଅବାଧ ପ୍ରବେଶ ଲାଗି ରହିଛି। ଯଦି ଏ ନେଇ ସ୍ଥାନୀୟ ପ୍ରଶାସନ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ନିଏ ଆଗାମୀଦିନରେ ଛାତ୍ରୀଛାତ୍ରମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ରାଜନଗର ଥାନାରେ ଲିଖିତ ଭାବେ ଜଣାଇବା ସହ ତହସିଲଦାର ଓ ମହାବିଦ୍ୟାଳୟର ଅଧକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ନାଏବ ସରପଞ୍ଚ, ୭ ୱାର୍ଡ ସଭ୍ୟାସଭ୍ୟାଙ୍କ ସଭ୍ୟ ପଦ ରଦ୍ଦ

ରାଜନଗର, ୨୯।୧ (ଭାସ୍କର ରାଉତରାୟ)

**ସରପଞ୍ଚ ଆସ୍ଥା ଭୋଟରେ ପଦ ହରାଇଥିଲେ**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ବେଲପାଳ ପଞ୍ଚାୟତ ସରପଞ୍ଚ ତିଲୋତମା ବରାଳ ୨୦୨୪ ଡିସେମ୍ବର ୧୧ରେ ଆସ୍ଥା ଭୋଟରେ ପରାଜୟ ବରଣ କରିବା ସହ ପଦ ହରାଇଥିଲେ। ଅନାସ୍ଥା ଭୋଟର ଦେଢ଼ ମାସ ନ ଯାଉଣୁ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ପଞ୍ଚାୟତର ନାଏବ ସରପଞ୍ଚଙ୍କ ସହ ୭ ଜଣ ୱାର୍ଡ ସଭ୍ୟାସଭ୍ୟଙ୍କୁ ପଦରୁ ବହିଷ୍କାର କରିଛନ୍ତି। ୪ ମାସ ଭିତରେ ୩ଟି ଲାଗତର ବୈଠକରେ ଯୋଗ ଦେଇ ନ ଥିବାରୁ ପଦରୁ ଜିଲାପାଳ ବହିଷ୍କାର କରିଛନ୍ତି। ସରପଞ୍ଚ ଅନାସ୍ଥା ଭୋଟରେ ପଦ ହରାଇଥିବା ବେଳେ ଏବେ ନାଏବ ସରପଞ୍ଚ ୱାର୍ଡ ସଭ୍ୟ ପଦରୁ ବହିଷ୍କାର କରାଯାଇଥିବାରୁ ରାଜନୀତି ଏବେ ଉଷ୍ମ ହୋଇପଡିଛି। ଡିସେମ୍ବର ୧୧ରେ ସରପଞ୍ଚ ତିଲୋତ୍ତମା ଅନାସ୍ଥା ଭୋଟରେ ପଦ ହରାଇଥିଲେ। ଅନାସ୍ଥା ଭୋଟରେ ସରପଞ୍ଚ ପଦ ହରାଇବା ପରେ ନାଏବ ସରପଞ୍ଚ ନଳିନୀକାନ୍ତ କୁଣ୍ଡ ସରପଞ୍ଚ ଦାୟିତ୍ୱରେ ରହିଥିଲେ। ମାତ୍ର ଜିଲାପାଳ ଗତ ୨୭ ତାରିଖରେ ବେଲପାଳ ପଞ୍ଚାୟତର ସରପଞ୍ଚ ଦାୟିତ୍ୱରେ ଥିବା ନାଏବ ସରପଞ୍ଚ ନଳିନୀକାନ୍ତଙ୍କ ସମେତ ୱାର୍ଡ ସଭ୍ୟା ମମତା ମଞ୍ଜରୀ ସେଠୀ, ସନ୍ଧ୍ୟାରାଣୀ ସ୍ୱାଇଁ, ରଙ୍ଗଲତା ଜେନା, ମିନତି ପ୍ରଧାନ, ୱାର୍ଡ ସଭ୍ୟ ନାରାୟଣ ଜେନା, କଳ୍ପତରୁ ସାହୁ ପ୍ରମୁଖ ୭ ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ସଭ୍ୟ ପଦ ରଦ୍ଦ କରିଛନ୍ତି। ଲାଗତର ଭାବେ ୩ ଟି ପଞ୍ଚାୟତ ବୈଠକରେ ଅନୁପସ୍ଥିତ ଥିବାରୁ ଓଡ଼ିଶା ପଞ୍ଚାୟତ ଆକ୍ଟ ୧୯୬୪ ଅନୁସାରେ ଅଯୋଗ୍ୟ ଘୋଷଣା କରିଛନ୍ତି। ଏ ନେଇ ପଦକ୍ଷେପ ନେବାକୁ କେନ୍ଦ୍ରାପଡ଼ା ଜିଲାପାଳ ଜିଲା ପଞ୍ଚାୟତ ଅଧିକାରୀ ଓ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପଞ୍ଚାୟତର ୧୧ ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୭ ଜଣ ୱାର୍ଡ ସଭ୍ୟାସଭ୍ୟ ଅଯୋଗ୍ୟ ଘୋଷଣା ହୋଇଛନ୍ତି। ଏ ସମ୍ପର୍କରେ ନାଏବ ସରପଞ୍ଚ ନଳିନୀକାନ୍ତଙ୍କ କହିବା କଥା ହେଲା କେନ୍ଦ୍ରାପଡ଼ା ଜିଲାପାଳ ଶାସକ ଦଳ ଦ୍ୱାରା ପ୍ରଭାବିତ ହୋଇ ଏକତରଫା ନିଷ୍ପତ୍ତି ନେଇଛନ୍ତି। ଆମେ ଏ ନେଇ ହାଇକୋର୍ଟଙ୍କ ଆଶ୍ରୟ ନେବୁ ବୋଲି କହିଛନ୍ତି।

## ବଡ଼ପଡ଼ା ସରପଞ୍ଚ ଉପନିର୍ବାଚନ, ଅନନ୍ୟା ବିଜୟୀ

ପଟ୍ଟାମୁଣ୍ଡାଇ, ୨୯।୧ (କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧୀନ ବଡ଼ପଡ଼ା ପଞ୍ଚାୟତ ଉପନିର୍ବାଚନରେ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ଅନନ୍ୟା ଶୁଭସ୍ମିତା ସେଠୀ ବିଜୟୀ ହୋଇଛନ୍ତି। ବୁଧବାର ବ୍ଲକ ପରିସରରେ କଡ଼ା ନିରାପତ୍ତା ମଧ୍ୟରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇଛି। ବିଜୟୀ ପ୍ରାର୍ଥୀ ଅନନ୍ୟା ଶୁଭସ୍ମିତା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ସମର୍ଥିତ ଲିଲା ମଲିକଙ୍କୁ ୭୮୪ ଖଣ୍ଡ ଭୋଟରେ ପରାସ୍ତ କରିଥିବା ବେଳେ କଂଗ୍ରେସ ସମର୍ଥିତ ପ୍ରାର୍ଥିନୀ ଜ୍ୟୋସ୍ନାରାଣୀ ସେଠୀ ୬୬ ଖଣ୍ଡ ଭୋଟ ପାଇ ଅମାନତ ହରାଇଛନ୍ତି। ବିଜୟୀ ସରପଞ୍ଚ ପ୍ରାର୍ଥିନୀ ଅନନ୍ୟା ୧୮୨୯ ଖଣ୍ଡ ଭୋଟ ପାଇଥିବା ବେଳେ ଭାଜପା ସମର୍ଥିତ ପ୍ରାର୍ଥୀ ଲିଲା ୧୦୪୫ ଖଣ୍ଡ ଭୋଟ ପାଇଛନ୍ତି। ସମୁଦାୟ ୩୦୦୯ ପୋଲିଂ ହୋଇଛି। ୬୯ ଖଣ୍ଡ ବାଲାଟ ପେପର ନାକଚ ହୋଇଥିବା ନିର୍ବାଚନ ଅଧିକାରୀ ବିଡିଓ ଶୁଭ୍ରାଂଶୁ ସାହୁ ସୂଚନା ଦେଇଛନ୍ତି। ବିଜୟୀ ସରପଞ୍ଚ ପ୍ରାର୍ଥିନୀ ତାଙ୍କ ବାପା ପାରେଶ୍ୱର ସେଠୀ, ମାମୁ ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ଧ୍ରୁବ ସାହୁଙ୍କ ଦୃଢ଼ ନେତୃତ୍ୱକୁ ଶ୍ରେୟ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୨ରେ ଅନୁଷ୍ଠିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସୌଦାମିନୀ ସେଠୀ ବଡ଼ପଡ଼ା ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ହେଲେ ୨୦୨୩ ଅକ୍ଟୋବରରେ ତାଙ୍କର ଆକାଳ ବିୟୋଗ ହୋଇଥିଲା। ଏ ନେଇ ସରପଞ୍ଚ ପଦବୀ ନିମନ୍ତେ ଉପନିର୍ବାଚନ ହୋଇଥିଲା।


ବିଜୟୀ ସରପଞ୍ଚ ଅନନ୍ୟା ଶୁଭସ୍ମିତା ସେଠୀ।

## ଚିନ୍ତା, ଚେତନା ହିଁ ମଣିଷକୁ ପରିଚୟ ଦିଏ

**ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ**

ରାଜକନିକା, ୨୯।୧ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଧାପକ କୁମରବର ଦାସ ଯୋଗଦେଇ ଚିନ୍ତା ଚେତନା ହିଁ ମଣିଷକୁ ପରିଚୟ ଦିଏ, ଯାହାର ମା' ସରଳ, ପିଲା ଜଟିଳ, ମା' ବିନା ସୃଷ୍ଟି ନାହିଁ, ଅପାଠୁଆ ବୋଉର ପାଠୁଆ ପିଲା, ପଢ଼ିଲେ ପାଠ ହୁଏ, ପଢ଼େଇଲେ ନୁହେଁ। ମା' ଓ ପାଣିର ବିକଳ୍ପ ନାହିଁ। ଯୁବଶକ୍ତି ଆଜି ପଥଭ୍ରଷ୍ଟ, ଶିକ୍ଷା ହେଉଛି ଆତ୍ମ ସମୀକ୍ଷା, ପାଠ ବୋଝ ନୁହେଁ, ଭଲମଣିଷ ସୃଷ୍ଟି କରେ, ଆଗେ ମାତୃଭାଷା ପଛେ ଇଂଲିଶ। ମା' ବା ବୋଉ ବାପାଙ୍କ ସନ୍ତାନ ହୁଅ, କିନ୍ତୁ ମମୀ ଡାଡିର ହୁଅନାହିଁ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଳିର ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ରାଜକନିକା ପଞ୍ଚାୟତ ସମିତି ଅଧକ୍ଷା ମିନତି ରାଉତ ଓ ଆସୋସିଏଟ ପ୍ରଫେସର ଏସ୍‌ସିବି ମେଡିକାଲ କଲେଜ ଡା. ଆଶିଷ କୁମାର ବାରିକ ପ୍ରମୁଖ ଯୋଗଦେଇ ସ୍ୱାର୍ଥକୁ ତ୍ୟାଗ କଲେ ହିଁ ଏହିପରି ଦ୍ରୁମ ସଦୃଶ ମହାବିଦ୍ୟାଳୟ ଉତ୍ତରୋତ୍ତର ଉନ୍ନତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଅଧକ୍ଷା ପ୍ରଧାପିକା ସୁରେଖା ରାଉତ ଅଧକ୍ଷତା କରିଥିଲେ। ଅଧାପକ ଡ. ସଞ୍ଜୀବ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ଅଧାପକ ଡ. ଅଜୟ କୁମାର କୁଣ୍ଡ ସଭା ପରିଚାଳନା କରିଥିଲେ। ଛାତ୍ର ସଂସଦ ଉପଦେଷ୍ଟା ଅଧାପକ କାହ୍ନୁଚରଣ ପଡିହାରୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ, ଅଧାପକ ଡ. ରଞ୍ଜନ ରଥ ସ୍ୱାଗତ ଭାଷଣ ସହ ଧନ୍ୟବାଦ ଦେଇଥିଲେ। ଏହି ପ୍ରରିପ୍ରେକ୍ଷୀରେ ମହାବିଦ୍ୟାଳୟର ମୁଖପତ୍ର 'କନିକା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମହାବିଦ୍ୟାଳୟର ଲକ୍ଷ୍ମଣ ସାହୁ, ଜୟନ୍ତ ମଥାନ ଓ ବିଜୟ ବାରିକଙ୍କ ସମେତ ଅଧାପିକାଅଧାପକ, ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ ।

## ପୂର୍ଣ୍ଣକୁମ୍ଭ ଆସିବା ପରେ ରୁଦ୍ର ମହାଯଜ୍ଞ ଆରମ୍ଭ

ଡେରାବିଶ, ୨୯।୧ (ବେବର୍ତ୍ତା ଅଜୟ ଦାସ)

**ପ୍ରସିଦ୍ଧ ତ୍ରିବେଣୀ ମେଳା**

ପବିତ୍ର ତ୍ରିବେଣୀ ଅମବାସ୍ୟା ତିଥିରେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତର ଜଗନ୍ନାଥପୁରସ୍ଥିତ ପ୍ରସିଦ୍ଧ ଶୈବପୀଠ ଆର୍ତ୍ତେଶ୍ୱର ବେଢ଼ା ନିକଟ ଦେଇ ବହି ଯାଇଥିବା ଗୋବରୀ ନଦୀରେ ବୁଧବାର ବହୁସଂଖ୍ୟାରେ ଶ୍ରଦ୍ଧାଳୁ ସ୍ନାନ କରିଛନ୍ତି। ପ୍ରାତଃରୁ ମନ୍ଦିର ବେଢ଼ାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଏହି ଅବସରରେ ସ୍ଥାନୀୟ ସନ୍ଥପୁରା ଗ୍ରାମସ୍ଥିତ ଶୈବପୀଠ ଗର୍ଭେଶ୍ୱର ମନ୍ଦିର ନିକଟରୁ ପୂଜାର୍ଚ୍ଚନା କରାଯିବା ପରେ ପୂର୍ଣ୍ଣକୁମ୍ଭକୁ ଶୋଭାଯାତ୍ରାରେ ଆଣାଯାଇ ଆର୍ତ୍ତେଶ୍ୱରଙ୍କ ମନ୍ଦିର ବେଢ଼ା ରୁଦ୍ରଶାନ୍ତି ମହାଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଛି। ଏହି ମେଳା ଓ ଯଜ୍ଞ ଫେବୃଆରୀ ୨ରେ ଶେଷ ହେବ। ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମେଳାର ପ୍ରଥମ ସନ୍ଧ୍ୟାରେ ବିଶିଷ୍ଟ ପଣ୍ଡିତଙ୍କ ଦ୍ୱାରା ପ୍ରବଚନ ଓ ଯଜ୍ଞ ମଣ୍ଡପରେ ବ୍ରାହ୍ମଣଙ୍କ ବେଦଧ୍ୱନୀ ଅଞ୍ଚଳକୁ ଉତ୍ସବ ମୁଖର କରିଛି। ମେଳାରେ ପଡ଼ିଥିବା ବିଭିନ୍ନ ଘରକରଣା ଆସବାବପତ୍ର ବ୍ୟବସାୟ ସହ ପିଲାମାନଙ୍କ ପାଇଁ ରାମଦୋଳି ଓ ଫାଷ୍ଟଫୁଡ ଦୋକାନରେ ମହିଳା, ପିଲାଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଏଥିସହ ଅପେରା ପ୍ରଦର୍ଶନ ଦେଖିବା ପାଇଁ ଲୋକଙ୍କ ଭିଡ଼ ଲାଗି ରହିଛି। ଏହି କାର୍ଯ୍ୟକ୍ରମକୁ କମିଟି ସଭାପତି ଅକ୍ଷୟ କୁମାର ଦାସ, ଉପ ସଭାପତି ଅଧାପକ ଗୋଲଖ ଚନ୍ଦ୍ର ମହାଭୋଇ, ସମ୍ପାଦକ ନାରାୟଣ ଲେଙ୍କା, ଭାଗବତ ସାହୁ, ସନ୍ତୋଷ ରାଉତ ଓ ଅଞ୍ଚଳବାସୀ ପରିଚାଳନା କରୁଛନ୍ତି।



## ଗହୀରମଥାରୁ ଟ୍ରଲର ଜବତ, ୬ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୨୯।୧ (ଭାସ୍କର ରାଉତରାୟ)

ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବାବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୬ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଏକକୁଳା ନିକଟରେ ଗୋପାଳଜୀ ନାମକ ଟ୍ରଲରକୁ ଜବତ କରିଥିଲେ। ଜବତ ଟ୍ରଲରରୁ ୩୦ କେଜି ମାଛ, ୧ ଜିପିଏସ୍, ୧ ଭିଏଚଏଫ୍, ୧ ଫିସ ଫାଇଣ୍ଡର ଓ ୫ ଜାଲ, ଗୋଟିଏ ମୋବାଇଲ ଫୋନ ଜବତ କରିଛି। ଗିରଫ ମତ୍ସ୍ୟଜୀବୀ ହେଲେ କେଲୁ ଚରଣ ପ୍ରଧାନ, ସୁଶାନ୍ତ କୁମାର ନାୟକ, ଗୌତମ ପ୍ରଧାନ, ଅମୂଲ୍ୟ ପାତ୍ର, ଅଲେଖ ସ୍ୱାଇଁ, ଗିରିଧାରୀ ନାଉରି। ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ନେଇ ବନ ବିଭାଗ ସୂଚନା ମିଳିଛି। ଗିରଫ ମତ୍ସ୍ୟଜୀବୀମାନେ କେନ୍ଦ୍ରାପଡ଼ା ଅଞ୍ଚଳର ବୋଲି ଜଣାପଡିଛି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଈଶ୍ୱର


@ ଦୁର୍ଗା


@ ପ୍ରଭାତ


@ ପ୍ରଦୀପ୍ତ


@ ଲିଲି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଉନ୍ନତ ଜୀବନ ଜୀବିକା ଉପରେ ଆଲୋଚନା

ରାଜନଗର, ୨୯।୧ (ଭାସ୍କର ରାଉତରାୟ)

**ବଗପାଟିଆ ଥଇଥାନସ୍ଥଳ**

ରାଜନଗର ବ୍ଲକ ସାତଭାୟାର ନୂତନ ପରିଚୟ ନୂଆ ଠିକଣା ବଗପାଟିଆ ଥଇଥାନସ୍ଥଳରେ ବସବାସ କରୁଥିବା ଜୀବନ ଜୀବିକା ଏବଂ ଯୁବକମାନଙ୍କୁ ରୋଜଗାର ଯୋଗାଇ ଦେବା ପାଇଁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ମାନସ ମନ୍ଥନ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଥଇଥାନସ୍ଥଳର ବିପର୍ଯ୍ୟସ୍ତ ରାସ୍ତା ଘାଟ ମରାମତି, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଲୋକମାନଙ୍କ ଜୀବନ ଧାରଣ କାର୍ଯ୍ୟରେ ସରକାରୀସ୍ତରରେ ରହିଥିବା ସହଯୋଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହ ଖୁବ୍‌ଶୀଘ୍ର ବଗପାଟିଆର ବହୁବିଧ ସମସ୍ୟା ଦୂର ହେବ କ୍ଷେତ୍ରରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ସମୀକ୍ଷା ବୈଠକରେ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ, ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଉପଜିଲାପାଳ ଅରୁଣ କୁମାର ନାୟକ, ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ବିଡିଓ ଶୋଭନ ଶ୍ରୀତମ ପଣ୍ଡା, ତହସିଲଦାର ଅଜୟ କୁମାର ମହାନ୍ତିଙ୍କ ସମସ୍ତ ବିଭାଗୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ।

## ଉପଯୁକ୍ତ କ୍ଷତିପୂରଣ ଦାବିରେ ଚାଷୀ ସମାବେଶ

କେନ୍ଦ୍ରାପଡ଼ା, ୨୯।୧ (ଜଗନ୍ନାଥ ଧଳ)

ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଶିଳ୍ପ, ବନ୍ଦର, ପ୍ରଶସ୍ତ ରାସ୍ତା ଆଦି ପ୍ରକଳ୍ପ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେତେକ ଗ୍ରାମରେ ବିସ୍ଥାପନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଶିଳ୍ପକୁ ସ୍ୱାଗତ କରୁଥିବାବେଳେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ବିସ୍ଥାପନ ପୂର୍ବରୁ ଉପଯୁକ୍ତ କ୍ଷତିପୂରଣ ଦାବିରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମାବେଶ କରିଛନ୍ତି। ରାମଚଣ୍ଡୀ କୃଷକ ସଭା ଓ ଅଖିଳ ଭାରତ କୃଷକ ସଭାର ମିଳିତ ଆୟୋଜନାରେ ଅନୁଷ୍ଠିତ ସମାବେଶରେ କୃଷକ ନେତା ବିକାଶ ଚନ୍ଦ୍ର ବେଉରା ଅଧକ୍ଷତା କରିଥିଲେ। ଏଥିରେ କୃଷକ ନେତା ପ୍ରଶାନ୍ତ କୁମାର ଚୌଧୁରୀ, ହରେକୃଷ୍ଣ ମାଝି, ଧୀରେନ୍ଦ୍ର କୁମାର ସାମଲ, ଆଶିଷ କାନୁନ୍‌ଗୋ, କ୍ଷୀରୋଦ ସିଂଦେଓ, ଶଶିଭୂଷଣ ସ୍ୱାଇଁ, ନାରାୟଣ ରେଡି, ଡା. ପ୍ରଶାନ୍ତ ମିଶ୍ର, ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେମାନେ କହିଥିଲେ, କେନ୍ଦ୍ରାପଡ଼ା ଜିଲାର ଅର୍ଥନୀତି କୃଷି ପର୍ଯ୍ୟବେଶିତ। ସମ୍ପ୍ରତି ଶିଳ୍ପ, ବନ୍ଦର, ରାସ୍ତା ଆଦି ପାଇଁ ରାଜ୍ୟ ସରକାର ଜମି ଅଧିଗ୍ରହଣ କରୁଛନ୍ତି। ଏପରି ପ୍ରକଳ୍ପ ପାଇଁ ବ୍ଲକ ଅଞ୍ଚଳର ଅମଳକ୍ଷମ ଚାଷ ଜମି ହରାଉଥିବା ଚାଷୀ ଏବେ ଚିନ୍ତାରେ ଅଛନ୍ତି। ଆର୍ଥିକ ପରିସ୍ଥିତି ସୁଧାର ପାଇଁ ଜମି ଅଧିଗ୍ରହଣ ସମୟରେ ଚାଷ ଜମି ଏକର ପ୍ରତି ୫ କୋଟି ଦିଆଯିବା ଦାବିକୁ ଏହି ସମାବେଶ ଦ୍ୱାରା ସ୍ୱୀକୃତି ମିଳିଛି। ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଜିଲାର ଉନ୍ନତି ହୋଇପାରିବ। ମାତ୍ର ଏହାର ପ୍ରତିବଦଳରେ ଚାଷୀଙ୍କ ପାଇଁ ପ୍ରତ୍ୟେକ ବ୍ଲକ ଅଞ୍ଚଳରେ ଶୀତଳ ଭଣ୍ଡାର ପ୍ରତିଷ୍ଠା, କଟନି ଛଟନି ବନ୍ଦ ସହ ସବୁ ପ୍ରକାର ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ ମଣ୍ଡିରେ ବିକ୍ରୟ, ଚାଷୀଙ୍କୁ ମାସିକ ୫ ହଜାର ଟଙ୍କା ଭତ୍ତା ପ୍ରଦାନ ଆଦି ବକ୍ତାମାନେ ଦାବି ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନିରଞ୍ଜନ ମଲ୍ଲ, ସୁବାସ ମହାପାତ୍ର, ସୋହନା ବେଗମ, ପ୍ରମୋଦ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।


ସମାବେଶରେ ଯୋଗ ଦେଇଥିବା ଚାଷୀ ନେତା ଓ ଅନ୍ୟମାନେ।

# ନୀଳମାଧବ ପୀଠ: ପୁରାତନ କୀର୍ତ୍ତିରାଜି ଧ୍ୱଂସାଭିମୁଖୀ





ପ୍ରତ୍ନତତ୍ତ୍ୱ ବିଭାଗର ଅଧିକାରୀ ଓ ଅନ୍ୟମାନେ ମନ୍ଦିର ପରିଦର୍ଶନ କରୁଛନ୍ତି। ନୀଳମାଧବ ମନ୍ଦିରର ଦଧିନଉତି ଉପର ଭାଙ୍ଗିଯାଇଛି। ସାକ୍ଷୀ ଗୋପୀନାଥ ଦକ୍ଷିଣପାର୍ଶ୍ୱ ସିଂହ ଭାଙ୍ଗିଛି।

**ଖଣ୍ଡପଡ଼ା,୨୯।୧ (ଅଜୟ କୁମାର ମହାରଣା)**

## ପ୍ରତ୍ନତତ୍ତ୍ୱ ବିଭାଗର ମିଳିତ ପରିଦର୍ଶନ

ଜଗନ୍ନାଥ ସଂସ୍କୃତିର ଆଦି ପୀଠ ଭାବେ କଣ୍ଟିଲୋର ଶ୍ରୀନୀଳମାଧବ ପୀଠ ସର୍ବଜନ ବିଦିତ। ପୁରୀ ଶ୍ରୀମନ୍ଦିର ପୂଜାନୀତି ସହ ସାମସ୍ୟ ରହିଥିବା ଏହି ପୀଠର ପୁରାତନ କୀର୍ତ୍ତିରାଜି ବୁଧବାର ଧ୍ୱଂସାଭିମୁଖୀ। ପ୍ରଶାସନିକ ଅବହେଳା ତଥା ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଏହି ଐତିହାସିକ ପୀଠ ଅବହେଳିତ ହୋଇପଡ଼ିଛି। ଅପରପକ୍ଷରେ ରାଜ୍ୟ ଓ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଏହି ମନ୍ଦିରର ସୁରକ୍ଷା ପ୍ରତି ଅଣଦେଖା ପ୍ରଦର୍ଶନ କରାଯାଉଥିବାରୁ ଏହି ପୀଠ ଅବନତି ଆଡ଼କୁ ଗତି କରୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ବୁଧବାର ଅପରାହ୍ନରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଅଧୀକ୍ଷଣ ଯନ୍ତ୍ରୀ ଅଶ୍ୱିନୀ କୁମାର ଶତପଥୀ, ପ୍ରସନ୍ନ କୁମାର ସାହୁ ଓ ରୁଦ୍ର ପ୍ରସାଦ ବେହେରା କଣ୍ଟିଲୋ ପରିଦର୍ଶନରେ ଆସି ପୁରାତନ କୀର୍ତ୍ତିରାଜି ନୀଳମାଧବ ମନ୍ଦିରର ସୁରକ୍ଷା ଦିଗରେ ପର୍ଯ୍ୟାଲୋଚନା କରିବା ସଙ୍ଗେ ସଙ୍ଗେ ମନ୍ଦିରର ସିଂହଦ୍ୱାରରେ ଦୁର୍ବଳ ଅବସ୍ଥାରେ ଅବସ୍ଥିତ ଅରୁଣ ଖମ୍ବର ସ୍ଥାୟିତ୍ୱ ସମ୍ପର୍କରେ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଅପରପକ୍ଷରେ ନୀଳମାଧବ ବିକାଶ ପ୍ରକଳ୍ପ ଦାୟିତ୍ୱରେ ଥିବା ଓଡ଼ିଶା ସେତୁନିର୍ମାଣ ନିଗମ ଉପଦେଷ୍ଟା ଜୟକୃଷ୍ଣ ଦାଶ, ମୁଖ୍ୟଯନ୍ତ୍ରୀ ଶ୍ରୀଧର ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ଚୈତନ୍ୟ ପ୍ରସାଦ ମାଝି, ଏସ୍ଏସ୍ ବିପିନ ପାଢ଼ୀ ଓ ଜିଏମ୍ ପ୍ରଶାନ୍ତ କୁମାର ମିଶ୍ରଙ୍କ ସମେତ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ପକ୍ଷରୁ ମୁଖ୍ୟ ପ୍ରକଳ୍ପ ପରିଚାଳକ ଭକ୍ତହରି ଜେନା, ସାଇଟ ମ୍ୟାନେଜର ସୌମ୍ୟ ରଞ୍ଜନ ମଲ୍ଲିକ ଓ ପର୍ଯ୍ୟଟନ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ କୁମାର ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୨ ମେରେ ଶହେ କୋଟି ଟଙ୍କା ଅନୁଦାନ ରାଶି ମଞ୍ଜୁର କରାଯାଇ ନୀଳମାଧବ ପୀଠ ବିକାଶ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିବାବେଳେ ମନ୍ଦିରଗୁଡ଼ିକରେ ସୃଷ୍ଟି ହୋଇଥିବା ଫାଟକୁ ଏହି ପ୍ରକଳ୍ପ କାର୍ଯ୍ୟରେ ଅନ୍ତର୍ଭୁକ୍ତ ନ ଥିବା ବିଭାଗୀୟ କର୍ତ୍ତୃପକ୍ଷ ଦର୍ଶାଉଥିବା ଜଣାପଡ଼ିଛି। ମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରତ୍ନତତ୍ତ୍ୱ ବିଭାଗ ଉପରେ ନ୍ୟସ୍ତ ରହିଥିବା ବେଳେ ମନ୍ଦିରଗୁଡ଼ିକରେ ସୃଷ୍ଟି ହୋଇଥିବା ଉକ୍ତ କାର୍ଯ୍ୟ ଉପରେ ତାଙ୍କର କିପରି ଦୃଷ୍ଟି ପଡୁନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡ଼ିଶାର ଗଡ଼ଜାତ ରାଜାମାନେ ନୀଳମାଧବ ଜୀଉଙ୍କ ବିଭିନ୍ନ ଯାନିଯାତ୍ରା, ସେବା ପୂଜା ପାଇଁ ଶ୍ରୀଜୀଉଙ୍କ ନାମରେ ବିପୁଳ ଭୂ-ସମ୍ପତି ଓ ନିଷ୍କର ଖଞ୍ଜା ଭାବେ ରଖି ଯାଇଥିଲେ। ମାତ୍ର ମନ୍ଦିର ଓ ପୁରାତନ କୀର୍ତ୍ତିରାଜିର ସୁରକ୍ଷା ଦାୟିତ୍ୱ ଦେବୋତ୍ତର ବିଭାଗ ବିଶେଷ କରି ରାଜ୍ୟ ଓ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ଉପରେ ନ୍ୟସ୍ତ ରହିଛି। ଶ୍ରୀଜୀଉଙ୍କ ନାମରେ ବିପୁଳ ଭୂ-ସମ୍ପତି ରହିଥିଲେ ମଧ୍ୟ ତାହା ଏବେ ପ୍ରଜା ଦଖଲରେ। ଫଳରେ ଠାକୁରଙ୍କ ପୂଜା ନୀତି ସମ୍ପନ୍ନ କରିବାରେ ସମସ୍ୟା ସୃଷ୍ଟି ହେଉଛି। ଆର୍ଥିକ ଅନାଟନ ଯୋଗୁ ଦେବୋତ୍ତର ବିଭାଗ ମଧ୍ୟ ନଷ୍ଟ ହୋଇ ଯାଉଥିବା ପୁରାତନ କୀର୍ତ୍ତିରାଜିର ସୁରକ୍ଷା ଦେବା ଅସମ୍ଭବ ହୋଇ ପଡ଼ିଛି। ବଜ୍ରପାତ ପ୍ରଭାବରେ ନୀଳମାଧବ ମନ୍ଦିର ବିଭିନ୍ନ ସ୍ଥାନରେ କ୍ଷତି ଘଟିଥିବା ଜଣାପଡ଼ିଛି। ବିଶେଷକରି ବିମଳା ମନ୍ଦିର ସମ୍ମୁଖ ଭାଗରେ ଥିବା ସିଂହଟି ନଷ୍ଟ ହୋଇଯାଇଥିବା ବେଳେ ସରସ୍ୱତୀ ମନ୍ଦିରର ପଛ ପାର୍ଶ୍ୱ ସିଂହଟି ନଷ୍ଟ ହୋଇଯାଇଛି। ସାକ୍ଷୀଗୋପୀନାଥ ମନ୍ଦିର ଦକ୍ଷିଣ ପାର୍ଶ୍ୱ ସିଂହ ସହ ମୂଳ ମନ୍ଦିର ସିଂହ ମୁଣ୍ଡଟି ଭାଙ୍ଗି ଯାଇଥିବା ବେଳେ ସମ୍ପୃକ୍ତ ମନ୍ଦିର ଶିର୍ଷ(ଚୁଡ଼ା)ରେ ଥିବା ପରି ମୂର୍ତ୍ତିର ଗୋଡ଼ଟି ମଧ୍ୟ ଭାଙ୍ଗି ଯାଇଛି। ତେବେ ଏସବୁ କାର୍ଯ୍ୟର ପ୍ରତିକାର ତଥା ସମାଧାନ ନିମନ୍ତେ ଗତବର୍ଷ ଫେବୃଆରୀ ୮ ରେ ବିକାଶ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା ଲାଗି ଆସିଥିବା ଓବିସିସି ସଚିବ ଭି. ଭି. ଯାଦବଙ୍କୁ ନୀଳମାଧବ ପୂଜକ ସମାଜ ପକ୍ଷରୁ ଅବଗତ କରିବା ସହ ବିଭିନ୍ନ ଗଣମାଧ୍ୟମରେ ଏହା ପ୍ରକାଶ ପାଇଥିଲା। ଏସବୁ ସମସ୍ୟା ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ତଥା ରାଜ୍ୟ ଓ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ଦୃଷ୍ଟି ନ ଦେଲେ ଶ୍ରୀଜୀଉଙ୍କ ମନ୍ଦିର ଓ ପୁରାତନ କୀର୍ତ୍ତିରାଜି ଅଚିରେ ଧ୍ୱଂସାଭିମୁଖୀ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

# ଦନ୍ତାହାତୀ-ମହିଳା ମୁହାଁମୁହିଁ



**ନୟାଗଡ/ରଣପୁର,୨୯।୧ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)**

## ତଳେ ପଡ଼ିଯିବା ପରେ ହାତୀ ଶୁଙ୍ଘି ଚାଲିଗଲା

ନୟାଗଡ଼ ଜିଲା ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ ଗୋପାଳପୁରରେ ଜଣେ ମହିଳା ବୁଧବାର ଭୋରୁ ସ୍ନାନ କରି ଫେରୁଥିବାବେଳେ ଦନ୍ତା ହାତୀ ମହିଳା ମୁହାଁମୁହିଁ ହୋଇଥିଲେ। ହାତୀକୁ ଦେଖି ମହିଳା ଶାନ୍ତିଲତା ବରାଡ ତଳେ ପଡିଯାଇଥିଲେ। ସେହି ସମୟରେ ହାତୀଟି ଶାନ୍ତିଲତା ପିଠିରେ ଗୋଡ଼ ରଖି ନ ଚକଟି ଶୁଣ୍ଢରେ ଶୁଙ୍ଘି ପଳାଇ ଯାଇଥିଲା। ହାତୀ ଚାଲିଯିବା ପରେ ଶାନ୍ତିଲତା ଅକ୍ଷତ ଅବସ୍ଥାରେ ଘରକୁ ଫେରିଥିଲେ। ନିକଟରେ ହାତୀକୁ ଦେଖି ମୃତ୍ୟୁ ନିଶ୍ଚିତ ଅନୁଭବ ବଞ୍ଚିବା ପରେ ଠାକୁରଙ୍କୁ ଧନ୍ୟବାଦ ଦେଇଛନ୍ତି। ସୂଚନାଯୋଗ୍ୟ, ପଟିଆର ବନ୍ଧପଲା ଜଙ୍ଗଲରେ ୧୭ ଟିକିଆ ହାତୀ ପଲ ରହି ଆସୁଛନ୍ତି। ଏଥିରୁ ଏକ ଦନ୍ତାହାତୀ ପଲ ଛାଡ଼ି ପଳାଇ ଆସିଛି। ହାତିଟି ମଙ୍ଗଳବାର ବିଳମ୍ବିତ ରାତିରେ ଗୋପାଳପୁର ସୀତାରାମପୁର ସାହିର ଜହ୍ନ ବରାଡ, ରାଜ ବରାଡଙ୍କ ବାଇଗଣ, ମୁଳା, କାକୁଡି ପରି ପନିପରିବା ଫସଲ ନଷ୍ଟ କରିଥିଲା। ବୁଧବାର ସକାଳେ ଦନ୍ତା ନିହଲପ୍ରସାଦ ଅଞ୍ଚଳକୁ ଫେରୁଥିବାବେଳେ ଗୋପାଳପୁର ପୋଖରୀଠାରେ ମହିଳାଙ୍କୁ ମୁହାଁମୁହିଁ ହୋଇଥିଲା।

# ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର



ଶିବିରରେ ନିଯୁକ୍ତି ପାଇଁ ଆସିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ନୟାଗଡ଼/ଭାପୁର,୨୯।୧ (ଲୋକନାଥ ମିଶ୍ର/ଭରତ କୁମାର ବେହେରା)**

ଭାପୁର ବ୍ଲକ ପରିସରରେ ବୁଧବାର ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଭାପୁର ବ୍ଲକ ୨୦ ପଞ୍ଚାୟତରୁ ୨୬୫ ଛାତ୍ରୀଛାତ୍ର ଯୋଗଦେଇ ନିଜର ନାମ ପଞ୍ଜୀକରଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାରଦା ପ୍ରସନ୍ନ ପଣ୍ଡା ଯୋଗଦେଇଥିବାବେଳେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ତୃପ୍ତିମୟୀ ମହାପାତ୍ର, ଶ୍ରମ ଓ ନିୟୋଜନ ପ୍ରକଳ୍ପ ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ, ନୟାଗଡ଼ ଜିଲା ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ଅଧିକାରୀ ଗଙ୍ଗାଧର ପାତ୍ର, ଜିଲା ଦକ୍ଷତା ଓ ନିୟୋଜିତ ବିଭାଗୀୟ ଅଧିକାରିଣୀ ମିନତି ମାଝି, ବିପିସି ଭାରତୀ ପଟ୍ଟନାୟକ, ବିଏଲସି ସ୍ୱରାଜ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦେଶରୁ ଗରିବ ହଟାଇବା, ବେକାରୀ ସମସ୍ୟା ଦୂର କରିବା ସହ ସ୍ୱାବଲମ୍ବୀ କରାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ସରକାର ଏହାକୁ ଗୁରୁତ୍ୱ ଦେବାସହ ବିଭିନ୍ନ ସଂସ୍ଥା ମାଧ୍ୟମରେ ମାଗଣାରେ ତାଲିମ ଦେବାର ବ୍ୟବସ୍ଥା କରିଥିବା କୁହାଯାଇଛି। ମୁଖ୍ୟ ଅତିଥି ବିଡିଓ ରଣଜିତ କୁମାର ମଲ୍ଲିକ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ, ସରକାରୀ ଚାକିରି ପଛରେ ନ ଗୋଡାଇ ନିଜେ ସ୍ୱାବଲମ୍ବୀ ହୁଅ। ପରିବାର ଓ ନିଜ ପାଇଁ ରୋଜଗାର କର ବୋଲି ପରାମର୍ଶ ଦେଇଥିଲେ। ନିଯୁକ୍ତି ଶିବିରରେ ଡବ୍ଲ୍ୟୁଏସସି, ଡାଟାପ୍ରୋ, ସିପିଆଇଟି, ଗ୍ରାମ ତରଙ୍ଗ ଆଦି ୮ଟି କମ୍ପାନୀର କର୍ମଚାରୀ ନିଜ ସଂସ୍ଥାର କାର୍ଯ୍ୟ, ତାଲିମ ବ୍ୟବସ୍ଥା ପରେ ନିଯୁକ୍ତି ପ୍ରକ୍ରିୟା ବିଷୟରେ ବୁଝାଇ ନିଜ ସଂସ୍ଥାରେ ନାମ ଲେଖାଇବାକୁ କହିଥିଲେ। ଓଡ଼ିଶା ଜୀବିକା ମିଶନର ରେଣୁବାଳା ସାହୁ, ଅସ୍ମିତା ଜ୍ୟୋତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବରୁଣେଇ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ, ଖଳିସାହି ବିଜୟୀ

**ଖଣ୍ଡପଡା,୨୯।୧(ଅଜୟ କୁମାର ମହାରଣା)**

କଣ୍ଟିଲୋ ପଲଟନ ପଡ଼ିଆ ମିନିଷ୍ଟାଡିୟମରେ ଚାଲିଥିବା ୧୮ ତମ ବରୁଣେଇ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ୩ୟ ଲିଗ ମ୍ୟାଚରେ ଖଳିସାହି କ୍ରିକେଟ କ୍ଲବ ୧୩୬ରନରେ ବରୁଣେଇ (ବି) କ୍ରିକେଟ ଟିମକୁ ହରାଇ ବିଜୟୀ ହୋଇଛି। ଖଳିସାହି ଦଳ ପ୍ରଥମେ ଟସ ଜିଣି ବ୍ୟାଟିଂ କରି ୧ ଓଭରରେ ୭ ଉଇକେଟ ହରାଇ ୧୮୦ ରନ ସଂଗ୍ରହ କରିଥିଲା। ଜବାବରେ ବରୁଣେଇ(ବି) ଦଳ ୧୧.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ମାତ୍ର ୪୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଦଳର ରାକେଶ ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଶିବ ନାରାୟଣ ସାହୁ ଓ ବଣ୍ଟି ବେହେରା ଖେଳକୁ ପରିଚାଳନା କରିଥିଲେ। ଶେଷଦେବ ନାୟକ ଓ ସୁରଜ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମଗ୍ର ଶିକ୍ଷାର ବ୍ଲକ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ନୟାଗଡ,୨୯।୧(ଲୋକନାଥ ମିଶ୍ର)**

ସମଗ୍ର ଶିକ୍ଷାର ବ୍ଲକସ୍ତରୀୟ ଆକାଉଣ୍ଟାଣ୍ଟ କମ୍ ସପୋର୍ଟ ଷ୍ଟାଫ ଓ ଏମ୍ଆଇଏସ୍ କମ୍ ପ୍ଲାନିଂ କୋର୍ଡିନେଟରଙ୍କ ବୁଧବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ସରକାର ଦାବି ନ ଶୁଣିଲେ ଫେବୃଆରୀ ୧ରୁ ଭୁବନେଶ୍ୱରର ଲୋଏର ପିଏମ୍ଜି ଛକଠାରେ ସମୂହ ଗଣଧାରଣା ଦେବା ପାଇଁ ଚେତାବନୀ ଦିଆଯାଇଛି। ଅଭିଯୋଗ ଅନୁସାରେ, ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱଳ୍ପ ବେତନରେ କାମ କରୁଥିବା ଆକାଉଣ୍ଟାଣ୍ଟ କମ୍ ସପୋର୍ଟ ଷ୍ଟାଫ ଓ ଏମ୍ଆଇଏସ୍ କମ୍ ପ୍ଲାନିଂ କୋର୍ଡିନେଟର ୧୨ ବର୍ଷରୁ ଊର୍ଦ୍ଧ୍ୱ କାମ କରି ଆସୁଥିବାବେଳେ ଚାକିରି ନିୟମିତ କରାଯାଇନାହିଁ। ଅସ୍ଥାୟୀ କର୍ମଚାରୀ ଭାବେ ସ୍ୱଳ୍ପ ବେତନରେ କାମ କରୁଥିବା ସମ୍ପୃକ୍ତ କର୍ମଚାରୀଙ୍କ ଦରମା ବି ବୃଦ୍ଧି କରାଯାଉନାହିଁ। ଅନ୍ୟପକ୍ଷେ ବିଭିନ୍ନ ବିଭାଗର ଅସ୍ଥାୟୀ କର୍ମଚାରୀଙ୍କ ଦରମା ବୃଦ୍ଧି ସରକାର କରୁଥିବାବେଳେ ଏମାନଙ୍କ ପ୍ରତି ଅଣଦେଖା କରିବା ଅସନ୍ତୋଷ ଓ ଉଦ୍‌ବେଗ ସୃଷ୍ଟି କରିଛି। ସରକାର ସମାନ କାମକୁ ସମାନ ଦରମା ବ୍ୟବସ୍ଥା କରିବା, ଚାକିରିର ନିୟମିତ ଦାବି ପରି ବିଭିନ୍ନ ଦାବି ରଖି ଆନ୍ଦୋଳନ ଆରମ୍ଭ କରିଛନ୍ତି। ପ୍ରକାଶଥାଉ କି ପୂର୍ବରୁ ରାଜ୍ୟ ସଂଘ ପକ୍ଷରୁ ଗତ ୨୨ ତାରିଖରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଜରିଆରେ ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ନ ହେବାରୁ ସଂଘର ନିଷ୍ପତ୍ତିକ୍ରମେ ବୁଧବାରଠାରୁ ଆନ୍ଦୋଳନ ଆରମ୍ଭ ହୋଇଛି। ଆକାଉଣ୍ଟାଣ୍ଟ କମ୍ ସପୋର୍ଟ ଷ୍ଟାଫ ଓ ଏମ୍ଆଇଏସ୍ କମ୍ ପ୍ଲାନିଂ କୋର୍ଡିନେଟରମାନେ ବିଇଓଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି।


@ ଈଶ୍ୱର


@ ଦୁର୍ଗା


@ ପ୍ରଭାତ


@ ପ୍ରଦୀପ୍ତ


@ ଲିଲି

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com
ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଦ୍ୟାଳୟରେ ନିପୁଣ ଓଡ଼ିଶା ମେଳା

**ଖଣ୍ଡପଡ଼ା,୨୯।୧(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ୟୁଜି ଏମ୍ଇ ବିଦ୍ୟାଳୟରେ ନିପୁଣ ଓଡ଼ିଶା ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବେଣାଗାଡିଆ କ୍ଲଷ୍ଟର ଅଧୀନ ୧୧ ଟି ବିଦ୍ୟାଳୟରୁ ୧୫୦ ଜଣ ଛାତ୍ରୀଛାତ୍ର ମେଳାରେ ଯୋଗଦେଇ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷା ଉପକରଣଗୁଡିକୁ ଷ୍ଟଲ ଜରିଆରେ ପ୍ରଦର୍ଶିତ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଆର୍‌ସିସି ନାରାୟଣ ଦାଶ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ବୈକୁଣ୍ଠନାଥ ଗୋଛି, ସିଆର୍‌ସିସି ବିପିନ ବିହାରୀ ରାଉତ ଓ ପ୍ରଦ୍ୟୁମ୍ନ କୁମାର ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ସଞ୍ଜୟ କୁମାର ବେହେରା ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଛାତ୍ର ଜୀବନରେ କ୍ରୀଡ଼ା ଅତ୍ୟାବଶ୍ୟକ

## ନୂଆଗାଁ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ନୂଆଗାଁ, ୨୯।୧ (ଧନେଶ୍ୱର ସାହୁ)**




କୃତିତ୍ୱ ହାସଲ କରିଥିବା ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ନୟାଗଡ଼ ଜିଲା ନୂଆଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇ ଯାଇଛି। ଛାତ୍ରୀଛାତ୍ରଙ୍କ ପାଇଁ କ୍ରୀଡାର ଆବଶ୍ୟକତା ରହିଛି। ଏହାକୁ ହୃଦୟଙ୍ଗମ କରି ପ୍ରତି ସ୍କୁଲରେ କ୍ରୀଡା ଉତ୍ସବ କରିବା ପାଇଁ ଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଉଛି। ଏହିକ୍ରମରେ ନୂଆଗାଁ ନିକଟସ୍ଥ ବିରୁପାକ୍ଷେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରି ଶିକ୍ଷକମାନଙ୍କ ସହ ଛାତ୍ରମାନେ ମଶାଲ ଶୋଭାଯାତ୍ରାରେ ବାହାରିଥିଲେ। ମନ୍ଦିରଠାରୁ ବାହାରି ବଜାର ପରିକ୍ରମା କରି ହାଇସ୍କୁଲ ପରିସରରେ ପହଞ୍ଚିବା ପରେ ଆନୁଷ୍ଠାନିକ ଭାବେ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ ହୋଇଥିଲା। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା କରାଯାଇଥିଲା। ଅନୁରୂପ ଭାବେ ମଙ୍ଗଳବାର ଅନେକ କ୍ରୀଡା ପ୍ରତିଯୋଗିତା କରିବା ସହ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୀମସେନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୂଆଗାଁ ଆଇଆଇସି ଶରତ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରୀଙ୍କ ଜୀବନରେ କ୍ରୀଡାର ଅତ୍ୟାବଶ୍ୟକତା ରହିଛି। ଛାତ୍ର ଜୀବନରେ ଖେଳ କୁଦ କରିବା ଦ୍ୱାରା ଶରୀର ସୁସ୍ଥ ରହିବା ସହ ପାଠପଢ଼ାରେ ଏକାଗ୍ରତା ଆସିଥାଏ ବୋଲି ମୁଖ୍ୟ ଅତିଥି ଆଇଆଇସି ସେଠୀ କହିଥିଲେ। ମୁଖ୍ୟ ବକ୍ତା ଭାବେ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ପୁରାତନ ଛାତ୍ର ସଂସଦର ସଭାପତି ଭିକାରୀ ଚରଣ ସ୍ୱାଇଁ ଯୋଗଦେଇ ଖେଳର ମହତ୍ତ୍ୱ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ନୂଆଗାଁ ଏବିଇଓ କବିତା ମଞ୍ଜରୀ ଦାସ, ଏବିଇଓ ଜ୍ୟୋତ୍ସ୍ନାରାଣୀ ସେଠୀ, ସିଆର୍‌ସିସି ପ୍ରକାଶ କୁମାର ନାୟକ, ସ୍କୁଲ ପରିଚାଳନା କମିଟି ସଭାପତି ସୁଧୀର କୁମାର ପ୍ରଧାନ, ନୂଆଗାଁ ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ସ୍ୱାଇଁ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ହଟ୍ଟଗୋଳରେ ଶେଷହେଲା ମ୍ୟୁନିସିପାଲିଟି ବୈଠକ

**ନୟାଗଡ଼,୨୯।୧(ଲୋକନାଥ ମିଶ୍ର)**



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ, ଅଧ୍ୟକ୍ଷା ଓ କାଉନସିଲରମାନେ।

- ଅଧ୍ୟକ୍ଷା, ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ କଥା କଟାକଟି
- ଉନ୍ନୟନ କମିଟି ସହ ବିଭିନ୍ନ କମିଟି କାର୍ଯ୍ୟକାରୀ ହେଉ ନ ଥିବାରୁ ଉଦ୍‌ବେଗ
- ବିପର୍ଯ୍ୟସ୍ତ ଟ୍ରାଫିକ ଏଡାଇବା ପାଇଁ ରାସ୍ତାକଡରୁ ହଟିବ ଅସ୍ଥାୟୀ ଦୋକାନ

ନୟାଗଡ଼ ମ୍ୟୁନିସିପାଲିଟି ସମ୍ମିଳନୀ କକ୍ଷରେ ମ୍ୟୁନିସିପାଲିଟିର ବୈଠକ ବୁଧବାର ଅଧ୍ୟକ୍ଷା ନିରୁପମା ଖଟେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମ୍ୟୁନିସିପାଲିଟିର ଆୟ ବ୍ୟୟର ହିସାବ ଓ ମ୍ୟୁନିସିପାଲିଟି ବିରୋଧରେ ବାରମ୍ବାର ଗଣମାଧ୍ୟମରେ ଖବର ପରିବେଷଣକୁ ନେଇ ଅଧ୍ୟକ୍ଷା ଓ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ମଧ୍ୟରେ କଥା କଟାକଟି ପରି ଘଟଣା ଯୋଗୁ ବୈଠକ ହଟ୍ଟଗୋଳ ମଧ୍ୟରେ ଶେଷ ହୋଇଛି। ଅନ୍ୟପକ୍ଷେ ମ୍ୟୁନିସିପାଲିଟିରେ ଉନ୍ନୟନ କମିଟି, ସାନିଟେସନ, ବିଦ୍ୟୁତ୍, ବଲାଙ୍ଗୀବନ୍ଧ କମିଟି ପରି ଅନେକ କମିଟି ରହିଥିଲେ ହେଁ ସେଗୁଡିକ କାର୍ଯ୍ୟକ୍ଷମ କରାଯାଉ ନ ଥିବାରୁ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ପୁରୁଣା ସିଭିଲ କୋର୍ଟ ଆରମ୍ଭ ପର୍ଯ୍ୟନ୍ତ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ କଡ଼ରେ ପନିପରିବା ପରି ଅସ୍ଥାୟୀ ଦୋକାନ ନ ପକାଇବାକୁ ନିଷ୍ପତ୍ତି ହୋଇଛି। ପୁରୁଣା ଜେଲ ଜମିରେ ପରିବା ମାର୍କେଟକୁ ମ୍ୟୁନିସିପାଲିଟି ପକ୍ଷରୁ ଅସ୍ଥାୟୀ ଭାବେ ଥଇଥାନ କରିଥିବାରୁ ଏହାକୁ ନ ହଟାଇବାକୁ ଅନୁରୂପ ଭାବେ ସ୍ଥିର ହୋଇଥିଲା। ଅନ୍ୟପକ୍ଷେ କେଉଁ ମାସରେ କେତେ ଆୟ ଓ ବ୍ୟୟ ହେଉଛି ସେନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ତଥ୍ୟ ଦିଆଯାଉନି ବୋଲି ସଭ୍ୟମାନେ ବାରମ୍ବାର ଉପସ୍ଥାପନ କରିଥିଲେ। କାଉନସିଲରମାନେ ଆୟ ବ୍ୟୟ ତଥ୍ୟ ମାଗିବାରୁ ଅଧ୍ୟକ୍ଷା ଦେଇ ପାରି ନ ଥିଲେ। ଆୟବ୍ୟୟ ହିସାବକୁ ନେଇ ଅଧ୍ୟକ୍ଷା ଓ ନିର୍ବାହୀ ଅଧିକାରୀ କଥା କଟାକଟି ହୋଇଥିଲା। ସେହିପରି କିଛି ନିର୍ଦ୍ଦିଷ୍ଟ ଖବରକାଗଜରେ ବାରମ୍ବାର ଖବର ପରିବେଷଣକୁ ନେଇ ମଧ୍ୟ ବିବାଦ ଦେଖା ଦେଇଥିଲା। ମଝିରେ ମଝିରେ ଅଧ୍ୟକ୍ଷା ଉତ୍ତେଜିତ ହୋଇ ବୈଠକରୁ ବାହାରକୁ ଆସି ପୁଣି ବୈଠକକୁ ଫେରୁଥିବା ଦେଖିବାକୁ ମିଳିଥିଲା। ବୈଠକରେ ଆୟବ୍ୟୟର ପୁଙ୍ଖାନୁପୁଙ୍ଖ ତଥ୍ୟ ଦେବାକୁ କୁହାଯାଇଛି। ପୁଣି ପେଭର ଟାଇଲରେ ନିର୍ମାଣ ହୋଇଥିବା ରାସ୍ତାର ବିଲ୍ ହେଉ ନ ଥିବାରୁ ସଭ୍ୟମାନେ ନିର୍ବାହୀ ଅଧିକାରୀଙ୍କୁ ଘେରିଥିଲେ। ଜିଲାପାଳଙ୍କ ବିନା ଅନୁମୋଦନରେ କୌଣସି ବିଲ୍ ପାସ କରି ହେବନି ବୋଲି ନିର୍ବାହୀ ଅଧିକାରୀ କହିବା ପରେ କେତେଜଣ କାଉନସିଲର ଉଦ୍‌ବେଗ ପ୍ରକାଶ କରି ଉଠି ଯାଇଥିଲେ। ଆଲୋଚନାରେ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ଜାନକୀ ବଲ୍ଲଭ ଜେନା, ସନ୍ତୋଷ ମହାର, କିଶାନ ଦାସ, ସ୍ୱୟଂପ୍ରଭା ମିଶ୍ର ଓ ଗୀତାଞ୍ଜଳି ସ୍ୱାଇଁ ପ୍ରମୁଖ ଭାଗ ନେଇଥିଲେ।

